# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା

## (ଜରୁରୀକାଳୀନ ବିଭାଗ)

### ବିଜ୍ଞପ୍ତି

ବିଜ୍ଞପ୍ତି ସଂଖ୍ୟା : ୩୦୪୪ ତା : ୦୨/୦୭/୨୦୨୦

ଏତଦ୍ ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାଣଇ ଦିଆଯାଉଛି ଯେ, "**ଅମ୍ଫନ**" ବାତ୍ୟା ପ୍ରଭାବ ରେ କେନ୍ଦ୍ରାପଡ଼ା ଜିଲ୍ଲା ରେ **ଘରଭଙ୍ଗା, ଚାଷ କ୍ଷୟକ୍ଷତି, ଜାଲ ଏବଂ ଡଙ୍ଗା କ୍ଷୟକ୍ଷତି, ମାଛ ପୋଖରି ଓ ମାଛ ଚାଷ ର ରେ ହୋଇଥିବା କ୍ଷୟକ୍ଷତି, ପ୍ରାଣୀ ଧନ ର କ୍ଷୟକ୍ଷତି** ର ଆକଳନ କରି ସମ୍ପୃକ୍ତ ଅଧିକାରୀ ମାନେ ଯୋଗ୍ୟ ହିତାଧିକାରୀ ମାନଙ୍କ ଏକ **ଚିଠା ତାଲିକା** ପ୍ରସ୍ତୁତ କରିଛନ୍ତି। ଏହି ତାଲିକା ରାଜସ୍ୱ ଗ୍ରାମ ୱାରି ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ଯୋଗ୍ୟ ହିତାଧିକାରୀ ଙ୍କ ନାମ, ସହାୟତା ର ଶ୍ରେଣୀ ଏବଂ ସହାୟତା ରାଶି ଉଲ୍ଲିଖିତ କରାଯାଇଛି। ସମସ୍ତଙ୍କ ଅବଗତି ନିମନ୍ତେ ଏହି ଚିଠା ତାଲିକା କୁ **ତା: ୦୩.୦୭.୨୦୨୦** ଦିନଠୁଁ ଜିଲ୍ଲା ୱେବସାଇଟ୍ **https://kendrapara.nic.in/** ରେ ପ୍ରକାଶିତ କରାଗଲା। ଏହା ସହିତ ଏହି ତାଲିକା ସମ୍ପୃକ୍ତ ବ୍ଲକ, ତହସିଲ୍ ଆର୍.ଆଇ ଅଫିସ ଏବଂ ଗ୍ରାମ ପଞ୍ଚାୟତ ଅଫିସ ର ନୋଟିସ ବୋର୍ଡ ରେ ମଧ ପ୍ରକାଶିତ କରାଗଲା ।

ଏହି ଚିଠା ତାଲିକା ରେ କୌଣସି ବ୍ୟକ୍ତି ବିଶେଷ ମାନଙ୍କ ଯଦି କୌଣସି ଦାବି ବା ଆପତ୍ତି ଥାଏ ତେବେ ସମ୍ପୃକ୍ତ ତହସିଲଦାରଙ୍କୁ ଏହି ତାଲିକା ପ୍ରକାଶନ ର **୭ ଦିନ** ମଧ୍ୟରେ ଅର୍ଥାତ୍ ତା: **୧୦.୦୭.୨୦୨୦ ସନ୍ଧ୍ୟା ୫. ୩୦** ମଧ୍ୟରେ ଟା ମଧ୍ୟରେ ଲିଖିତ ଦରଖାସ୍ତ କରିବେ। ସୂଚୀତ ତାରିଖ ବାଦ୍ କୌଣସି ଦାବି ବା ଆପତ୍ତି ଗ୍ରହଣ କରାଯିବ ନାହିଁ। ସୂଚୀତ ତାରିଖ ମଧ୍ୟରେ ହସ୍ତଗତ ହୋଇଥିବା ସମସ୍ତ ଅଭିଯୋଗ ଗୁଡିକୁ, ସମ୍ପୃକ୍ତ ଆକଳନକାରୀ ଦଳ ଦ୍ୱାରା ଯାଂଚ୍ କରାଯାଇ ସମ୍ପୃକ୍ତ ଅଧିକାରୀ ଙ୍କ ଦ୍ୱାରା ପୁନଃବିଚାର କରାଯାଇ ଚୁଡାନ୍ତ ହିତାଧିକାରୀ ତାଲିକା ପ୍ରକାଶିତ କରାଯିବ।

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

ସ୍ମାରକ ସଂଖ୍ୟା ୩୦୪୭ / ତାରିଖ ୦୨/୦୭/୨୦୨୦

ଏହାର ଏକକିତା ନକଲ D . I . O, N . I. C , Kendrapara ଙ୍କୁ ଅବଗତି ଏବଂ ତା: ୦୩.୦୭.୨୦୨୦ ଠାରୁ ଜିଲ୍ଲା Website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

ସ୍ମାରକ ସଂଖ୍ୟା ୩୦୪୩ / ତାରିଖ ୦୨/୦୭/୨୦୨୦

ଏହାର ଏକକିତା ନକଲ ବିଡିଓ / ତହସିଲଦାର , ଡେରାବିଶ/ ଗରଦପୁର/ କେନ୍ଦ୍ରାପଡ଼ା/ମାର୍ଶାଘାଇ / ମହାକାଳପଡ଼ା / ପଟ୍ଟାମୁଣ୍ଡାଇ / ଆଳି/ ରାଜନଗର / ରାଜକନିକା / ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ , କେନ୍ଦ୍ରାପଡା/ ଜିଲ୍ଲା ମତ୍ସ୍ୟ ଅଧିକାରୀ , କେନ୍ଦ୍ରାପଡ଼ା ଙ୍କ ଅବଗତି ଏବଂ ନିଜ କାର୍ଯ୍ୟାଳୟ ଏବଂ ନିଜ କ୍ଷେତ୍ର କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ତା :୦୩.୦୭.୨୦୨୦ ରୁ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା।

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

**********************************